# Akashvani, Sambalpur

# SAMBALPURI NEWS MORNING BULLETIN

# 16 February 2026 - 6.47- 6.52 am.

---

ଅଲଚିକି ଲିପିର ଶହେ ବଛର୍       ଆଇ.ଆଣ୍ଡ୍.ପି.ଆର୍

ପଣ୍ଡିତ ରଘୁନାଥ ମୁର୍ମୁଙ୍କର୍ ଦ୍ୱାରା ତିଆର୍ ହେଇଥିବା ଅଲଚିକି ଲିପିର ଶହେ ବଛର୍ ପୂର୍ତି ଅବ୍ସରେ ନୂଆଦିଲ୍ଲୀର୍ ଡକ୍ଟର୍ ଆମ୍ବେଦ୍କର୍ ଅନ୍ତର୍ଜାତୀୟ କେନ୍ଦ୍ର ନ ଆଏଜ୍ ଉପର୍‌ବେଲା ୪ ବଜେ ଗୁଟେ ଖାସ୍ କାର୍ଯ୍ୟକ୍ରମ୍ ହେବା । ଇଥି ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗ୍ ଦେବେ । ଇ ଅବ୍ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, କେନ୍ଦ୍ର ଜନଜାତି ବ୍ୟାପାର୍ ମନ୍ତ୍ରୀ ଜୁଏଲ୍ ଓରାମ୍, କେନ୍ଦ୍ର ସଂସ୍କୃତି ଆଉ ପର୍ଯ୍ୟଟନ୍ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ ଉପସ୍ଥିତ୍ ରହେବାର୍ କାର୍ଯ୍ୟସୂଚୀ ରହିଛେ । ଇ ଅବ୍ସରେ ଅଲଚିକି ଲିପିର୍ ପ୍ରଦର୍ଶନୀ, ଇ ଲିପି ଉପ୍‌ରେ ଆଧାରିତ୍ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନୀ ହେବାର୍ ସହେତେ ଗୁଟେ ସ୍ମାରକୀ ଡାକଟିକଟ୍ ଆଉ ମୁଦ୍ରା ଉନ୍ମୋଚନ୍ କରାଯିବା ।

ଭାରତ୍  ଏଆଇ ଇମ୍ପାକ୍ଟ ସମ୍ମିଳନୀ        ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀ ନ ଆଏଜ୍ ଭାରତ୍ ଏଆଇ ଇମ୍ପାକ୍ଟ ଏକ୍ସପୋ -୨୦୨୬ର ଉଦ୍‌ଘାଟନ୍ କର୍‌ବେ । ସମ୍ମିଳନୀଥି କୃତ୍ରିମ ବୁଦ୍ଧିମତାର୍ ବେଭାର୍ ସଙ୍ଗେ ସ୍ୱାସ୍ଥ୍ୟ, ସେବା, କୃଷି ଆଉ ପ୍ରଶାସନ୍ କ୍ଷେତ୍ରର୍ ଅଭିବୃଦ୍ଧି ବାବ୍‌ଦେ ଆଲୋଚନା କରାଯିବା । ୫ ଦିନିଆ ସମ୍ମିଳନୀଥି ପୁର୍‌ଥିର୍ ଭିନ୍ ଭିନ୍ ଦେଶର୍ ଏଆଇ ପାଭିଲିଅନ୍ ପ୍ରଦର୍ଶନ୍ କରାଯିବା । ୩ ଶହ ନୁ ଅଏତ୍‌କା ପେଭିଲିଅନ୍ ଆଉ ସିଧାସଲଖ୍ ବ୍ୟବହାରିକ୍ ଉପଯୋଗ୍ କୌଶଲ୍ ପ୍ରଦର୍ଶନ୍ କରାଯିବା ।

ସର୍ବଦଲୀୟ ବୈଠକ୍      ଆର୍‌ଏନ୍‌ୟୁ/ କଟକ୍

ଓଡ଼ିଶା ବିଧାନ୍‌ସଭାର୍ ବଜେଟ୍ ଅଧିବେଶନ୍ ଆଏବା କାଏଲ୍‌ଠାନୁ ମୁଲ୍ ହେବା । ତାର୍ ଆଘୋନୁ ଆଏଜ୍ ବାଚସ୍ପତି ସୁରମା ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ଭୁବ୍‌ନେଶ୍ୱର୍ ନ ଗୁଟେ ସର୍ବଦଲୀୟ ବୈଠକ୍ ହେବା । ବୈଠକ୍‌ଥି ମନ୍ତ୍ରୀ, ବିଧାୟକଙ୍କର୍ ସହେତେ ଭିନ୍ ଭିନ୍ ଦଲର୍

ନେତାମାନେ ଉପସ୍ଥିତ୍ ରହେବେ । ଅଧିବେଶନ୍ ସମିଆଥି ଗୃହର୍ ସୁପରିଚାଳନା ଲାଗି ଦଲର୍ ନେତାମାନ୍କର୍ ଠାନୁ ବାଚସ୍ପତି ସହଯୋଗ୍ ମାଗ୍‌ବେ ।

ରତ୍ନଭଣ୍ଡାର୍ ସମୀକ୍ଷା - ମୁଖ୍ୟମନ୍ତ୍ରୀ          ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ପୁରୀ ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍‌ର ସମୀକ୍ଷା କର୍‌ବେ । ରତ୍ନଭଣ୍ଡାର୍‌ର ଗନ୍‌ତିମନ୍‌ତି ନୁ ମୁଲ୍ କରିକରି ଭିନ୍ ଭିନ୍ କାମ୍ କାଜ୍, ରତ୍ନଭଣ୍ଡାର୍ ପରିଚାଳନାକେ ନେଇକରି ତିଆର୍ ହେଇଥିବା ଏସ୍‌ଓପି ବାବ୍‌ଦେ ମୁଖ୍ୟମନ୍ତ୍ରୀ ସମୀକ୍ଷା କର୍‌ବେ । ମୁଖ୍ୟମନ୍ତ୍ରୀଙ୍କର୍ ସମୀକ୍ଷା ଉତ୍‌ରୁ ରତ୍ନଭଣ୍ଡାର୍ ପରିଚାଳନା ଲାଗି କାର୍ଯ୍ୟାବଳୀ ତିଆର୍ କରାଯିବା ।

ମୁଖ୍ୟମନ୍ତ୍ରୀ ଶିବରାତ୍ରୀ          ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମହାଶିବରାତ୍ରୀ ଅବ୍‌ସରେ ଗଲାକାଏଲ୍ ପ୍ରଭୁ ଲିଙ୍ଗରାଜ୍‌ଙ୍କର୍ ଦର୍ଶନ୍ କର୍‌ବାର୍ ସହେତେ

ନୀତିକାନ୍ତି ସୁରୁଖୁରୁଥି ଶେଷ୍ କରିଥିବାର୍‌ନୁ ସେବାୟତ୍‌ମାନ୍‌କୁ ଧନ୍ୟବାଦ୍ ଜନେଇଛନ୍ । ଇ ଅବ୍‌ସରେ ହେଇଥିବା ସାଂସ୍କୃତିକ୍ ସମାରୋହଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏକାମ୍ର କ୍ଷେତ୍ରର୍ ବିକାଶ୍ ଲାଗି ୩ ଶହ ୩୦ କୋଟି ଟଙ୍କା ଖର୍ଚ୍ଚା କରାଯିବା ବଲି କହିଛନ୍ । ଶ୍ରୀକ୍ଷେତ୍ର ପୁରୀ, ଅର୍କକ୍ଷେତ୍ର କୋଣାର୍କ ଆଉ ଏକାମ୍ର କ୍ଷେତ୍ର ସହେତେ ରାଜ୍ୟର୍ ଅଲ୍‌ଗା ଆଧ୍ୟାତ୍ମିକ୍ ପର୍ଯ୍ୟଟନ କେନ୍ଦ୍ର ମାନ୍‌କର୍ ଉନ୍ନତି ଲାଗି ସର୍‌କାର୍ ଲକ୍ଷ୍ୟ ରଖିଛନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ମହାଶିବରାତ୍ରୀ      ଆର୍‌ଏନ୍‌ୟୁ/ ସମ୍ବଲପୁର

ମହାଶିବରାତ୍ରୀ ଅବ୍‌ସରେ ଗଲାକାଏଲ୍ ରାଜ୍ୟର୍ ଭିନ୍ ଭିନ୍ ଶିବମନ୍ଦିର୍ ମାନ୍‌କେ ହଜାର୍ ହଜାର୍ ଭକ୍ତଙ୍କର୍ ସମାଗମ୍ ହେଇଥିଲା ।

ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଗଲାକାଏଲ୍ ପ୍ରଭୁ ଲିଙ୍ଗରାଜ୍‌ଙ୍କର୍ ଦର୍ଶନ୍ କର୍‌ବାର୍ ସହେତେ ମନ୍ଦିର୍ ପାଖେ ହେଇଥିବା ସାଂସ୍କୃତିକ୍ ମହୋତ୍ସବ୍‌କେ ଉଦ୍‌ଘାଟନ୍ କରିଥିଲେ । ଇ ଅବ୍‌ସରେ

ବାଚସ୍ପତି ସୁରମା ପାଢ଼ୀ, ପୂର୍ବ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍‌ଙ୍କର୍ ସହେତେ ଏକାମ୍ର ବିଧାୟକ୍, ଭୁବ୍‌ନେଶ୍ୱର୍ ମେୟର୍ ପ୍ରମୁଖ ଉପସ୍ଥିତ୍ ଥିଲେ ।

ଅପରେସନ୍ ସାଇବର୍ କବଚ        ଆଇ.ଆଣ୍ଡ୍.ପି.ଆର୍

ସାଇବର୍ ଅପରାଧ୍ ନେଟ୍‌ୱର୍କକେ ନିଷ୍କ୍ରିୟ କର୍‌ବାର୍ ଲାଗି ଓଡ଼ିଶା ପୁଲିସ୍ ତର୍‌ଫୁ ଚାଲିଥିବା ଅପରେସନ୍ ସାଇବର୍ କବଚ ଅଭିଯାନ୍‌ଥି ସାଇବର୍ ଠକେଇ ଲାଗି ବେଭାର୍ ହଉଥିବା ବେନାମୀ ବେଙ୍କ୍ ଏକାଉଂଟ୍‌ମାନ୍‌କୁ ଯାଂଚ୍ କରାଯାଉଛେ । ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ଗଲାକାଏଲ୍ ୭୩ ଟା ବେନାମୀ ବେଙ୍କ୍ ଏକାଉଂଟ୍ ଯାଂଚ୍ କରାଯାଇଛେ । ପୁଲିସ୍ ୩ ଟା ନୂଆଁ ସାଇବର୍ ମାମ୍‌ଲା ରୁଜୁ କର୍‌ବାର୍ ସହେତେ ୬ ଝନ୍‌କୁ ଗିରଫ୍ କରିଛେ । ଇତାର୍ ସହେତେ ସନ୍ଦିଗ୍ଧ ଏକାଉଂଟ୍‌ଧାରୀ ଆଉ ସାଇବର୍ ଅପରାଧିଥି ସହଯୋଗ୍ କରୁଥିବା ୫୧ ଝନ୍‌କୁ ନୋଟିସ୍ ଜାରି କରାଯାଇଛେ । ସବୁନୁ ଜହ ବୌଦ୍ଧ ଜିଲ୍ଲା ନ ୪୫ ଟା, ମାଲ୍‌କାନ୍‌ଗିରି ନ ୨୦ ଆଉ ସୁନ୍ଦର୍‌ଗଡ଼୍ ଜିଲ୍ଲା ନ ୨ ଟା ବେଙ୍କ୍ ଏକାଉଂଟ୍ ଯାଂଚ୍ କରାଯାଇଛେ ।

ସହରୀ ଚେଲେଞ୍ଜ୍ ପାଣ୍ଠି           ଆର୍ଏନ୍ୟୁ/ ସମ୍ବଲପୁର

ବଜାର୍ ଆଧାରିତ୍ ସହରୀ ପରିବର୍ତ୍ତନ୍‌କେ ଆହୁରି ତ୍ବରିତ କର୍‌ବାର୍ ଲାଗି ୧ ଲାଖ୍ କୋଟି ଟଙ୍କାର୍ ସହରୀ ଚେଲେଞ୍ଜ୍ ପାଣ୍ଠି - ୟୁସିଏଫ୍‌କେ କେବିନେଟ୍ ମଞ୍ଜୁରୀ ମିଳିଛେ । ଇ ପାଣ୍ଠି ଜରିଏ ଆଏବା ୫ ବଛର୍ ଭିତ୍‌ରେ ଦେଶର୍ ସହରାଂଚଲ୍‌ମାନ୍‌କର୍ ବିକାଶ୍ ଲାଗି ୪ ଲାଖ୍ କୋଟି ଟଙ୍କା ନିବେଶ୍ କରାଯିବା । ଉନ୍ନତ୍ ମାନର୍ ସହରାଂଚଲ୍ ଭିତିଭୂମି ନିର୍ମାଣ୍ ଲାଗି ବଜାର୍ ଅର୍ଥ, ଘରୋଇ ଭାଗିଦାରୀ ଆଉ ନାଗରିକ୍ କୈନ୍ଦ୍ରିକ୍ ସଂସ୍କାର୍‌କେ ବେଭାର୍ କରାଯିବା । ଚଲ୍‌ତି ଆର୍ଥିକ୍ ବଛର୍‌ନୁ ୨୦୩୦-୩୧ ଆର୍ଥିକ୍ ବଛର୍‌ତକ୍ ଇତାକେ କାର୍ଯ୍ୟକାରୀ କରାଯିବା । ତାର୍ ଉତ୍‌ରୁ ୨୦୩୩ -୩୪ ଆର୍ଥିକ୍ ବଛର୍‌ତକ୍ ଇତାର୍ ସମ୍ପ୍ରସାରଣ୍ ଯୋଜ୍‌ନା କରାଯାଇଛେ ।

ଟି-ଟ୍ୱେଂଟି ବିଶ୍ୱକପ୍         ଆର୍ଏନ୍ୟୁ/ ସମ୍ବଲପୁର

ଆଇସିସି ଟି-ଟ୍ୱେଂଟି ପୁରୁଷ ବିଶ୍ୱକପ୍‌ଥି ଗଲାକାଏଲ୍ ପାକିସ୍ତାନ୍‌କେ ୬୧ ରନ୍‌ଥି ହରେଇକରି ଭାରତୀୟ ଦଲ୍ ବିଜୟୀ ହେଇଛେ ।

ଶ୍ରୀଲଙ୍କାର ଆର୍. ପ୍ରେମାଦାସା ଷ୍ଟାଡ଼ିୟମ୍ ନ ହେଇଥିବା ଇ ମେଚ୍‌ଥି ଭାରତ୍ ପହେଲା ବେଟିଂ କରିକରି ଶହେ ୭୫ ରନ୍ କରିଥିଲା । ଇତାର୍‌ଜବାବ୍‌ଥି ପାକିସ୍ତାନ୍ ଦଲ୍ ଶହେ ୧୪ ରନ୍ କରିକରି ଅଲ୍‌ଆଉଟ୍ ହେଇଯାଇଥିଲା ।

ପୁସ୍ତକ ମେଳା - ଇଙ୍କ୍‌ଫେଷ୍ଟ୍          ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ରୟାଲ୍ ପଡ଼ିଆ ନ ଚାଲିଥିବା ଜିଲ୍ଲା ପୁସ୍ତକ ମେଳା - ଇଙ୍କ୍‌ଫେଷ୍ଟ୍-୨୦୨୬ ର ୨ ନମ୍ବର୍ ଦିନେ ଗଲାକାଏଲ୍ 'ସୁବର୍ଣ୍ଣପୁରର୍ ଟେରାକୋଟା ଶିଳ୍ପ: ଐତିହ୍ୟ ଆଉ ଶିଳ୍ପ ସୃଜନର୍ ସାଂସ୍କୃତିକ୍ ଉତରାଧିକାରୀ' ବିଷୟବସ୍ତୁ ଉପ୍‌ରେ ଗୁଟେ ବୌଦ୍ଧିକ୍ ଆଲୋଚନା ହେଇଥିଲା ।  ଇ ଅବ୍‌ସରେ ଜିଲ୍ଲାପାଲ୍ ଡକ୍ଟର୍ ନୃପରାଜ୍ ସାହୁ ଉପସ୍ଥିତ ରହିକରି ଟେରାକୋଟା ଶିଳ୍ପୀ ମୁକୁନ୍ଦ ରଣାଙ୍କୁ ଇଙ୍କ୍‌ଫେଷ୍ଟ ସମ୍ମାନ୍‌ଥି ସମ୍ମାନିତ୍ କରିଥିଲେ ।

ପାଣିପାଗ୍      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ବଡ଼ଭାଗୀ ଜାଗା ନ ଶୀତ୍‌ର ପ୍ରଭାବ୍ କମିଛେ । ଆଏବା ୨ ଦିନ୍ ତକ୍ ପାଗ୍ ଏନ୍ତା ରହେବା । ତାର୍ ଉତ୍‌ରୁ ତାପମାତ୍ରା ୨ ନୁ ୩ ଡିଗ୍ରୀତକ୍ ବଢ଼୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁଁ ଅନୁମାନ୍ କରାଯାଇଛେ ।